# ଦୁଇ ଛାତ୍ରଙ୍କ ସଲିଳସମାଧି

**ଡେରାବିଶ, ୧୪।୩/ଏନ୍‌ଏନ୍‌ଏସ୍‌:**

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ବିରୂପା ନଦୀର ଛୋଟିଠାରେ ନିର୍ମାଣାଧୀନ ବ୍ରିଜ୍ ସେତୁ ନିକଟରେ ଗାଧୋଇବାକୁ ଯାଇ ଆଜି ଦୁଇଛାତ୍ରଙ୍କ ସଲିଳ ସମାଧି ଘଟିଛି। ଏହି ଛାତ୍ରଦ୍ୱୟ ହେଲେ ଛୋଟି ଗ୍ରାମର ପ୍ରକାଶ ଦାସଙ୍କ ପୁଅ ଆକାଶ (୧୮) ଓ ସନ୍ତୋଷ ପ୍ରଧାନଙ୍କ ପୁଅ ଦିବ୍ୟଜ୍ୟୋତି (୧୬)। ଅପରାହ୍ନରେ ଆକାଶଙ୍କ ମୃତଦେହ ୫୦ଫୁଟ ଦୂରରୁ ଏନ୍‌ଡିଆରଏଫ୍ ବାହିନୀ ଉଦ୍ଧାର କରିଛି। ଆଜି ପୂର୍ବାହ୍ନ ସାଢ଼େ ୧୦ଟାରେ ଆକାଶ ଓ ଦିବ୍ୟଜ୍ୟୋତି ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସ୍ଥାନରୁ ଉଭୟେ ପହଁରି ପହଁରି କିଛିଦୂରକୁ ଚାଲିଯାଇଥିଲେ। ସେଠାରେ ନଦୀର ପ୍ରଖର ସ୍ରୋତ ଓ ଗଭୀରତା ହେତୁ ଉଭୟେ ବୁଡ଼ିଯାଇଥିଲେ। ଏହି ସମୟରେ ଗ୍ରାମର କେତେକ ଲୋକ ଛାତ୍ର ଦ୍ୱୟ ବୁଡ଼ିଯାଉଥିବା ଦେଖି ପାଟି କରିଥିଲେ। ଏହି ଖବର ପ୍ରସାରିତ ହେବାକ୍ଷଣି ନଦୀ କୂଳରେ ଶହଶହ ଲୋକ ରୁଣ୍ଡ ହୋଇଥିଲେ। ଖବର ପାଇ ଡେରାବିଶ ଅଗ୍ନିଶମ ବାହିନୀ ଓ ଏନ୍‌ଡିଆରଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଯୁବକ ଦ୍ୱୟଙ୍କୁ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ଆକାଶଙ୍କ ମୃତଦେହ ମିଳିଥିଲା। ଘଟଣା ସ୍ଥଳରେ ନିଳିରେଇ ଥାନା ଅଧିକାରୀ

▶▶ ୭